## ବ୍ଳକସ୍ତରୀୟ ଅଭିଯୋଗ ଶୁଣାଣି

**ଗୋଷାଣୀ:** ଗଜପତି ଜିଲା ଗୋଷାଣୀ ବ୍ଲକ ପରିସରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ୭ଟି ଗ୍ରାମର ଲୋକ ଅଂଶଗ୍ରହଣ କରିଥିଲେ। କେ.ରାଉତପୁର ଏବଂ ଅଡ଼ାସିଂ ଗ୍ରାମରେ ପାନୀୟ ଜଳ ସମସ୍ୟା ବିଷୟରେ ଅଭିଯୋଗ କରିଥିଲେ। ଭିନଲାଠାରୁ ଅଗରଖଣ୍ଡି ଗ୍ରାମ ରାସ୍ତା, ଗୋଲାଗାଁଠାରୁ ଅଡ଼ବା ପର୍ଯ୍ୟନ୍ତ ବିଦ୍ୟୁତ ଖୁଣ୍ଟ ବଢ଼ାଇବା, ଅଧା କାର୍ଯ୍ୟରେ ରହିଥିବା କମ୍ୟୁନିଟି ହଲ ଓ ଭିନଲା ଗ୍ରାମର ସ୍କୁଲ ପାଇଁ ନୂତନ କୋଠରି ଓ ଶିକ୍ଷକଙ୍କ ଆବଶ୍ୟକତା, ଅଡ଼ବା ଗ୍ରାମ ରାସ୍ତା, ସ୍ୱାଗିମାଦିପେଟାଠାରୁ ନୂଆସାହି ରାସ୍ତା ଓ ପାନୀୟ ଜଳର ଆବଶ୍ୟକତା ପାଇଁ ଅଭିଯୋଗ ହୋଇଥିଲା। ଭର୍ଚୁଆଲ ମୋଡରେ ହୋଇଥିବା ଏହି ଅଭିଯୋଗ ଶୁଣାଣିରେ ବିଡିଓ କିଶୋର ଚନ୍ଦ୍ର ଦାସ, ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ହୋତା, ଗୁରାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପତିତପାବନ ବାରିକ, ସିଡିପିଓ ଗୌରୀ ନାୟକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨୪ରେ ଅଡବା ବନ୍ଦ ଡାକରା

**ଆର.ଉଦୟଗିରି,୨୨।୯(ଡି.ଏନ.ଏ.):** ମୋହନା ବ୍ଲକ ଅଡବା ମା' ଠାକୁରାଣୀ ମନ୍ଦିର ପାର୍ଶ୍ୱରେ ଜବରଦଖଲରେ ରହିଥିବା ଜମିକୁ ମୁକ୍ତ ଦାବିରେ ଆସନ୍ତା ୨୪ରେ ଗ୍ରାମବାସୀଙ୍କ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ଏ ନେଇ ଜିଲାପାଳ, ତହସିଲଦାର, ଥାନାକୁ ଅଡବା ଗ୍ରାମ୍ୟ କମିଟି ଜଣାଇଛନ୍ତି। ଉକ୍ତ ଜାଗାରେ ପୂର୍ବରୁ ଅଡବାବାସୀ ବନ ବିଭାଗ ସାହାଯ୍ୟରେ ସେଠାରେ ଚାରା ରୋପଣ କରି ଆସୁଥିଲେ। କିଛି ମାସ ହେଲା ସମ୍ପୃକ୍ତ ବ୍ୟକ୍ତି ଗଛକାଟି ଜଙ୍ଗଲ ନଷ୍ଟ କରି ସେଠାରେ ଘର ତିଆରି କରି ରହୁଛନ୍ତି। ଅଡବା ଜନସାଧାରଣ ବନ ବିଭାଗ ଏବଂ ମୋହନା ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ। ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଫଳରେ ୨୪ ତାରିଖରେ ରାଜପଥ ଅବରୋଧ କରାଯିବ ବୋଲି କୁହାଯାଇଛି।

### ବିଡେକା ପକ୍ଷରୁ ମହାପ୍ରୟାଣ ସେବା ଆରମ୍ଭ

**ଭଞ୍ଜନଗର,୨୨।୯(ଡି.ଏନ.ଏ):** ଭଞ୍ଜନଗର ଜଳସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡେକା) ପକ୍ଷରୁ ଗତ ସପ୍ତାହରୁ ମହାପ୍ରୟାଣ ସେବା ଆରମ୍ଭ କରାଯାଇଛି। ଭଞ୍ଜନଗର ମେଡିକାଲରେ ଉପଖଣ୍ଡର କୌଣସି ରୋଗୀଙ୍କ ମୃତ୍ୟୁ ଘଟିଲେ ମୃତଦେହକୁ ଏହି ମହାପ୍ରୟାଣ ଗାଡ଼ି ମାଧମରେ ମାଗଣାରେ ଘରେ ପହଞ୍ଚାଇ ଦିଆଯିବ। ଜିଲା ବାହାରକୁ ନେଲେ ତେଲ ଖର୍ଚ୍ଚ ଲୋକେ ବହନ କରିବେ। ବିଡେକାର ଏଭଳି କାର୍ଯ୍ୟକୁ ସାଧାରଣ ଜନତା ପ୍ରଶଂସା କରିଛନ୍ତି । ମହାପ୍ରୟାଣ ଗାଡ଼ି କୌଣସି ବ୍ୟକ୍ତି ନେବାକୁ ଚାହିଁଲେ ଚାଳକଙ୍କ ମୋବାଇଲ ନଂ.୯୮୬୧୫୧୨୮୧୦ରେ ଯୋଗାଯୋଗ କରିବା ପାଇଁ ବିଡେକା ପକ୍ଷରୁ ଅନୁରୋଧ କରାଯାଇଛି । ବିଡେକା ପ୍ରତିବର୍ଷ କିଛି ମେଧାବୀ ଛାତ୍ରୀଛାତ୍ରଙ୍କୁ ମଧ ବୃତ୍ତି ପ୍ରଦାନ କରୁଛି । ମେଗା ରକ୍ତଦାନ ଶିବିର ଆୟୋଜନ ହେଉଛି। ପ୍ରାକୃତିକ ଦୁର୍ବିପାକ ସମୟରେ ଲୋକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରୁଛି। ବେଲେଶ୍ୱର ପୀଠର ପରିଚାଳନା ଦାୟିତ୍ୱ ବିଡ଼େକା ନେଇଆସୁଛି । ଆଗାମୀ ଦିନରେ କଲ୍ୟାଣ ମଣ୍ଡପ, ସହରକୁ କାମରେ ଆସୁଥିବା ଲୋକଙ୍କୁ ଅସୁବିଧା ସମୟରେ ରାତ୍ରିରହଣୀ ପାଇଁ କମ୍ ଦରରେ ରୁମ୍ ଯୋଗାଇ ଦେବା ବ୍ୟବସ୍ଥା କରୁଛି।

### କଡିଙ୍ଗିଆରେ କଂଗ୍ରେସର କର୍ମୀ ସମ୍ମିଳନୀ

**ଜି.ଉଦୟଗିରି,୨୨।୯(ଡି.ଏନ୍.ଏ.):** ଜି.ଉଦୟଗିରି ନିକଟସ୍ଥ କଡିଙ୍ଗିଆଠାରେ ବୁଧବାର କଂଗ୍ରେସ ତରଫରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସଦାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଅନାମ ନାୟକ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ତରଫରୁ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବାର ମନ୍ତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ଏନ୍. ରାଜା ରାଓ, କଂଗ୍ରେସ ନେତା ଯାକେସ ପ୍ରଧାନଙ୍କ ସହିତ ବ୍ଲକରୁ ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ଭାରତ ବନ୍ଦ ସଫଳ କରିବା ପାଇଁ ବୈଠକ

**ପୋଲସରା,୨୨।୯(ଡି.ଏନ୍.ଏ.):** ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଡାକରା ଦିଆଯାଇଥିବା ୨୭ ତାରିଖ ଭାରତ ବନ୍ଦକୁ ପୋଲସରାରେ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ବୁଧବାର ଅନୁଷ୍ଠିତ ମିଳିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ରତନୀ ଠାକୁରାଣୀ ମନ୍ଦିର ପରିସରରେ ବରିଷ୍ଠ କୃଷକ ନେତା ଦଣ୍ଡପାଣି ସାମଲଙ୍କ ଅଧକ୍ଷତାରେ ଆୟୋଜିତ ବୈଠକ ପ୍ରାରମ୍ଭରେ ଭାରତୀୟ କ୍ଷେତ ମଜଦୁର ୟୁନିୟନ ନେତା ହରିହର ପାତ୍ର ବନ୍ଦ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏହା ପରେ ଋଷିକୂଲ୍ୟା ରୟତ ମହାସଭାର ପୋଲସରା ବ୍ଲକ କମିଟି ସଭାପତି ସତ୍ୟବାନ ପ୍ରଧାନ, ଅଖିଳ ଭାରତ କ୍ଷେତ ମଜଦୁର କିଷାନ ସଭାର ଗଞ୍ଜାମ ଜିଲା କମିଟି ସଭ୍ୟ ନିରଞ୍ଜନ ଶବର ଏବଂ କଂଗ୍ରେସ ନେତା ଭୋବନୀ ସାହୁ ପ୍ରମୁଖ ବନ୍ଦକୁ ସଫଳ କରିବା ସକାଶେ ନିଜ ନିଜର ମତ ରଖିଥିଲେ। ୨୫ ତାରିଖ ବନ୍ଦ ସପକ୍ଷରେ ମୋଟର ସାଇକେଲ ରାଲି କରି ବ୍ୟାପକ ପ୍ରଚାର ଅଭିଯାନ ଚଳାଇବା ପାଇଁ ମଧ ବୈଠକରେ ନିଷ୍ପତ୍ତି ହୋଇଥିଲା।

### ବିଶ୍ୱ ଆଲଜିମର୍ସ ଦିବସ

**ପାରଳାଖେମୁଣ୍ଡି,୨୨।୯(ଡି.ଏନ୍.ଏ.):** ଗୋଷାଣୀ ବ୍ଲକ ଗୁରାଣ୍ଡି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ଆଲଜିମର୍ସ ଦିବସ ବା ସ୍ମରଣଶକ୍ତି ହୀନତା ଦିବସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ.ପତିତପାବନ ବାରିକ ଅଧକ୍ଷତା କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ପାଢ଼ୀ ସଂଯୋଜନା କରିଥିବା ବେଳେ ଡା. ଅନଙ୍ଗ ସୁଦନ ଭୂୟାଁ ଓ ଡ. ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ମଞ୍ଚାସୀନ ରହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ ଏମ୍.ଖଗେଶ୍ୱର ଏବଂ ବିଏଏମ୍ ଏନ.ଶ୍ରୀନିବା ସାଲୁ ପ୍ରମୁଖ ପରିଚାଳନା କରିଥିଲେ।

# ଗଞ୍ଜାମର ବିକାଶ ଦେଖିଲେ ୩ ଜିଲାର ଅଧିକାରୀ

**ଗଞ୍ଜାମ/ପୁରୁଷୋତ୍ତମପୁର/ହିଞ୍ଜିଳିକାଟୁ/ଗୋପାଳପୁର/ଆସିକା/ଦିଗପହଣ୍ଡି/ଶେରଗଡ଼, ୨୨।୯(ଡି.ଏନ.ଏ.)**

ଗଞ୍ଜାମର ବିକାଶ ମଡେଲକୁ ଓଡ଼ିଶାର ୨୯ ଜିଲାରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ୨୯ ଜିଲାର ଡିଆରଡିଏ ପିଡି, ବିଡିଓ ଓ ସହକାରୀଯନ୍ତ୍ରୀମାନେ ଗଞ୍ଜାମ ଆସି ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି। ଏହି କ୍ରମରେ ବୁଧବାର ଖୋର୍ଦ୍ଧା ଜିଲା ପିଡି ଦିଗନ୍ତ ରାଉତରାୟଙ୍କ ସହ ୨୩ ଜଣିଆ ଟିମ ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଆସି ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଗଞ୍ଜାମ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବିଡ଼ିଓ ବିଶ୍ୱଜିତ ରାଏ ଉପସ୍ଥିତ ଥିଲେ। ଏହି ୨୩ ଜଣିଆ ଟିମ ପରିଦର୍ଶନ ବେଳେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାୟ, ସନ୍ତୋଷପୁର ସରପଞ୍ଚ ଡି.ନିରଞ୍ଜନ ରେଡ୍ଡୀ, ବଟେଶ୍ୱର ମନ୍ଦିର ପରିଚାଳନା କମିଟି ଉପସଭାପତି ଶବର କୁମାର ତରାଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ପୁରୁଷୋତ୍ତମପୁର ବ୍ଲକ ବଡଖରିଡା ଗ୍ରାମରେ ପ୍ରାୟ ଦୁଇ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା କାଳେଶ୍ୱର ମନ୍ଦିରର ଉନ୍ନୟନ ମୂଳକ କାର୍ଯ୍ୟ ଓ ମଡେଲ ପାର୍କକୁ ଖୋର୍ଦ୍ଧା ଜିଲା ପିଡିଙ୍କ ସହ ୯ ବ୍ଲକର ବିଡିଓ, ସହକାରୀ ଯନ୍ତ୍ରୀଙ୍କ ସମେତ ୩୩ ଜଣ ଅଧିକାରୀ ପରିଦର୍ଶନ କରିଛନ୍ତି। ପୁରୁଷୋତ୍ତମପୁର ବିଡିଓ ବିଜୟ କୁମାର ବେହେରା, ବ୍ଲକ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସମେତ ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଖୋର୍ଦ୍ଧା ଜିଲା ପିଡିଙ୍କ ସମେତ ଅନ୍ୟ ଅଧିକାରୀମାନେ ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳର ବିଦ୍ୟାଳୟ ରୂପାନ୍ତରଣ ଓ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଛନ୍ତି। ରଙ୍ଗେଇଲୁଣ୍ଡା ବ୍ଲକରେ ବୌଦ୍ଧ ଜିଲା ପିଡି ବବିତାରାଣୀ ଦଳବେହେରା, ୩ ବିଡିଓ ଏବଂ ୩ ସହକାରୀ ଯନ୍ତ୍ରୀଙ୍କ ସମେତ ୭ ଜଣିଆ ଟିମ୍ ଆସି କମଳାପୁର ପଞ୍ଚାୟତର ଧବଳେଶ୍ୱର ମନ୍ଦିର ନିକଟରେ ନିର୍ମାଣ ଚାଲିଥିବା ଗ୍ରାମ୍ୟ ଉଦ୍ୟାନ ପାର୍କ ବୁଲି ଦେଖିଥିଲେ। ଏହି ଅବସରରେ ବିଡିଓ ପ୍ରସନ୍ନ ପାତ୍ର, ଏବିଡିଓ ତ୍ରିପତି ବାଲାଜି ସାମନ୍ତରାୟ, ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଏହି ଅଧିକାରୀମାନେ ଆସିକା ବ୍ଲକ ବରଗାଁ ପଞ୍ଚାୟତରେ ହୋଇଥିବା କଲ୍ୟାଣ ମଣ୍ଡପ, ଆଦର୍ଶ ଅଙ୍ଗନବାଡି କେନ୍ଦ୍ର, କାଳଷଣ୍ଡପୁର ପଞ୍ଚାୟତରେ ଆବର୍ଜନାରୁ ପ୍ରସ୍ତୁତ ଖତ ଉତ୍ପାଦନ କେନ୍ଦ୍ର ଓ ଚଢିଆପଲ୍ଲୀ ପଞ୍ଚାୟତରେ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଚାଲିଥିବା ଗୁଡ ଉତ୍ପାଦନ କେନ୍ଦ୍ର ବୁଲି ଦେଖିଛନ୍ତି। ଆସିକା ବିଡିଓ ରୋସନ ଶତପଥୀଙ୍କ ଗହଣରେ ପ୍ରତିନିଧିଙ୍କ ସହ ଗସ୍ତରେ ବରଗାଁ ପଞ୍ଚାୟତରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ଚଢିଆପଲ୍ଲୀ ପଞ୍ଚାୟତରେ ଏମପି. ପ୍ରମିଳା ବିଷୋୟୀଙ୍କ ସମେତ ବ୍ଲକ ସହକାରୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ। କଳାହାଣ୍ଡି ଜିଲାର ପିଡିଙ୍କ ସମେଶ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ୧୩ ବ୍ଲକର ବିଡିଓ, ସହକାରୀ ଯନ୍ତ୍ରୀ ସର୍ବମୋଟ ୬୬ ଜଣ ପ୍ରଶାସନିକ ସହଯୋଗି ଦିଗପହଣ୍ଡି ବ୍ଲକ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତରେ ହୋଇଥିବା ଉନ୍ନୟନ କାର୍ଯ୍ୟକୁ ଦେଖି ଖୁସି ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ପିଡ଼ି, ଦିଗପହଣ୍ଡି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହଳଧର ଶବର, ସହକାରୀ ଯନ୍ତ୍ରୀ ଇଂ.ଗଙ୍ଗାଧର ଲେଙ୍କା, ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ନମୀତା କୁମାରୀ ବିଷୋୟୀ ପ୍ରମୁଖ ପରିଦର୍ଶନରେ ଆସିଥିବା ପ୍ରଶାସନିକ ଟିମ୍‌କୁ ସହଯୋଗ କରିଥିଲେ। ଆସନ୍ତା ୨୭ ତାରିଖରେ ବଡଗଡ ଜିଲାର ସମସ୍ତ ପ୍ରଶାସନିକ ଟିମ୍ ଏହି ବ୍ଲକ ପରିଦର୍ଶନରେ ଆସିବେ ବୋଲି ବିଡିଓ ହଳଧର ଶବର ସୂଚନା ଦେଇଛନ୍ତି। କଳାହାଣ୍ଡୀ ଜିଲାର ୧୩ ବ୍ଲକର ବିଡିଓ ଓ ସମସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, କଳାହାଣ୍ଡି ଡିଆର୍‌ଡିଏର ନିର୍ବାହୀ ଯନ୍ତ୍ରୀ ଋଷିକେଶ ଦଣ୍ଡସେନା, ପିଡିଙ୍କ ସମେତ ୨୮ ଜଣିଆ ଟିମ ଶେରଗଡ଼ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ, ନରେନ୍ଦ୍ରପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ବ୍ରାହ୍ମଣଛାଇ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ ପରିଦର୍ଶନ କରିଥିଲେ। ଉକ୍ତ ବିଦ୍ୟାଳୟରେ ୧୧ ସ୍ମାର୍ଟ ଶ୍ରେଣୀ, ଲାବେରୋଟୋରୀ, ଇ.ଲାଇବ୍ରେରୀ, ବିଜ୍ଞାନଗାରା ଆଦି ବୁଲି ଦେଖିଥିଲେ। ଏହି ପରିଦର୍ଶନରେ ବିଡିଓ ଶମ୍ଭୁନାଥ ନନ୍ଦି, ସହକାରୀ ନିର୍ବାହୀଯନ୍ତ୍ରୀ କେଦାରନାଥ ପଣ୍ଡା, ଯନ୍ତ୍ରୀ ପବିତ୍ର କୁମାର ପଟ୍ଟନାୟକ, ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ ପ୍ରମଖ ଉପସ୍ଥିତ ଥିଲେ।


ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧିକାରୀମାନେ ପୁରୁଷୋତ୍ତମପୁର କାଳେଶ୍ୱର ପାର୍କ ପରିଦର୍ଶନ କରୁଛନ୍ତି।

## ଶିଶୁ ସୁରକ୍ଷା, ଅଧିକାର କର୍ମଶାଳା

**ଛତ୍ରପୁର,୨୨।୯(ଡି.ଏନ୍.ଏ.)**

ଛତ୍ରପୁର ଶିବ କୁମାର ପଟ୍ଟନାୟକ ରିଡିଂ ରୁମ୍‌ରେ ପରିସରରେ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଶିଶୁ ଯୌନ ମୁକ୍ତ ଓ ଶିଶୁ ଆଇନ ସମ୍ବନ୍ଧୀୟ କର୍ମଶାଳା ଛତ୍ରପୁର, ଗଞ୍ଜାମ ଓ ରମ୍ଭା ଅଞ୍ଚଳର ଖବରଦାତାମାନଙ୍କୁ ନେଇ 'ଭାଇ' ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ରାଜ୍ୟ ସଂଯୋଜକ ଦେବାନନ୍ଦ ମହନ୍ତ ଅଧକ୍ଷତା କରି ଶିଶୁ ସୁରକ୍ଷା, ଶିଶୁ ଅଧିକାର ଉପରେ ଆଲୋକପାତ କରିଥିଲେ। ଛତ୍ରପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ୟୁୟର୍ସ ସମ୍ପାଦକ ଅରୁଣ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୋଭିଡ୍ ସମୟରେ ଶିଶୁଙ୍କ ସୁରକ୍ଷା ଲାଗି ସଚେତନତା ସୃଷ୍ଟି କରିବାରେ ସାମ୍ବାଦିକମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। ଜିଲା ମହିଳା ସୁରକ୍ଷା ଅଧିକାରୀ ସଙ୍ଗୀତା କୁମାରୀ ପାତ୍ର, ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଧିକାରୀ ଶରତ କୁମାର ମହାରଣା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବିନାରାୟଣ ବେହେରା, ଛତ୍ରପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ, ଜିଲା ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ସାଧନା ଚନ୍ଦ୍ର ଦାଶ, କିଶୋର ନ୍ୟାୟ ବୋର୍ଡର ସଦସ୍ୟ ଅମୀୟ କୁମାର ତ୍ରିପାଠୀଙ୍କ ସମେତ ବହୁ ସାମ୍ବାଦିକ ଶିଶୁ ସୁରକ୍ଷା ଆଇନ ଉପରେ ଆଲୋକପାତ କରିଥିଲେ।

## ବ୍ରାହ୍ମଣଛାଇ ଗୋଷ୍ଠୀ ବିବାଦ ଏଡ଼ାଇବାକୁ ପ୍ରୟାସ

**ହିଞ୍ଜିଳିକାଟୁ,୨୨।୯(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ହିଞ୍ଜିଳି ଥାନା ଅନ୍ତର୍ଗତ ବ୍ରାହ୍ମଣଛାଇ ଗ୍ରାମରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ୨ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ଘଟୁଛି। ଏହି ସମୟ ମଧ୍ୟରେ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ ଆକ୍ରମଣ–ପ୍ରତିଆକ୍ରମଣ ଯୋଗୁ ୩ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଗୁରୁତର ହୋଇଛନ୍ତି। ବାରମ୍ବାର ହିଂସାକାଣ୍ଡ ହେତୁ ସାଧାରଣ ଲୋକ ଗାଁ ଛାଡ଼ି ଅନ୍ୟତ୍ର ରହୁଛନ୍ତି। ଗ୍ରାମର ଏକ ଗୋଷ୍ଠୀର ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବୁଧବାର ହିଞ୍ଜିଳି ଥାନା ଆଇଆଇସି ଅଭିମନ୍ୟୁ ଦାଶଙ୍କ ସହ ଆଲୋଚନା କରିଛନ୍ତି। ଏଣିକି ଗ୍ରାମରେ ଶାନ୍ତିରେ ବସବାସ କରିବା ପାଇଁ ପ୍ରସ୍ତାବ ଦେବା ସହ ଅନ୍ୟ ଗୋଷ୍ଠୀ ସହ ଶାନ୍ତି ବୈଠକ ପାଇଁ ସହମତି ପ୍ରକାଶ କରିଥିବା ଆଇଆଇସି ଦାଶ କହିଛନ୍ତି। ଗ୍ରାମର ନୟନ ମଳିକ, ହରିହର ଦଳାଇ, କବିରାଜ ପ୍ରଧାନ, ସନ୍ତୋଷ ପ୍ରଧାନ ପ୍ରମୁଖ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପୋଲିସ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଗତ ଜୁଲାଇ ୬ତାରିଖ ରାତିରେ ହୋଇଥିବା ଗୋଷ୍ଠୀ ସଂଘର୍ଷରେ ସରପଞ୍ଚ ସତ୍ୟ ନାରାୟଣ ପୃଷ୍ଟିଙ୍କ ସମେତ ୯ଜଣ ଆହତ ହୋଇଥିଲେ। ଏ ନେଇ ଉଭୟ ପକ୍ଷର ଅଭିଯୋଗକ୍ରମେ ଥାନାରେ ପୃଥକ ୨ ମାମଲା ରୁଜୁ ହୋଇଥିଲା। ଉଭୟ ଗୋଷ୍ଠୀର ୧୦ରୁ ଉର୍ଦ୍ଧ୍ୱଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜେଲ ଯାଇଥିବା କେତେଜଣ ଅଭିଯୁକ୍ତ ଜାମିନରେ ଫେରିଛନ୍ତି।

## ଓଡ଼ିଶା-ମୋ ପରିବାରର ସହାୟତା
## ଓଡ଼ିଶାକୁ ଆସିଲା ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ଓଡ଼ିଶା–ମୋ ପରିବାରର ସହାୟତାରେ ଦୁଇଜଣ ଓଡ଼ିଆ ଶ୍ରମିକ ପ୍ରଦୀପ ପାହନ ଓ ବିଚିତ୍ରାନନ୍ଦ ପାତ୍ରଙ୍କ ମୃତଦେହ ଓଡ଼ିଶାକୁ ଅଣାଯାଇପାରିଛି। ଓମାନରୁ ପ୍ରଦୀପ ଓ ନୂଆଦିଲ୍ଲୀରୁ ବିଚିତ୍ରାନନ୍ଦଙ୍କ ମୃତଦେହ ବୁଧବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରଦୀପଙ୍କ ଘର ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅନ୍ତର୍ଗତ କମଳାପଦର ଗ୍ରାମରେ। ସେ ଓମାନ୍‌ର ରାଜଧାନୀ ମସ୍କଟରେ ରହି ଡଲଫିନ୍ ଟ୍ରେଡିଂ ଆଣ୍ଡ୍ ଇନ୍‌ଭେଷ୍ଟମେଣ୍ଟ (ଏଲ୍‌ଏଲ୍‌ସି) କମ୍ପାନୀରେ କାମ କରୁଥିଲେ। ଗତ ୧୪ ତାରିଖରେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ବିଷୟରେ ବାହାରିନ୍ ଓଡ଼ିଶା–ମୋ ପରିବାର ସ୍ୱକ୍ ସଦସ୍ୟ ଅରୁଣ ପ୍ରହରାଜ ଜାଣିବା ପରେ ତାଙ୍କ ମୃତଦେହକୁ ଓଡ଼ିଶା ଫେରାଇବାକୁ ଚେଷ୍ଟା କରିଥିଲେ। ଶେଷରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ସହାୟତାର ମୃତଦେହ ଓମାନ୍‌ରୁ ଭାୟା ବମ୍ବେ ହୋଇ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ଥିଲା। ସେଠାରେ ଓଡ଼ିଶା–ମୋ ପରିବାର ଆବାହକ ଅରୁପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ ପ୍ରମୁଖ ମୃତଦେହକୁ ଗ୍ରହଣ କରି ପରିବାରକୁ ହସ୍ତାନ୍ତର କରିବା ପରେ ଏକ ଆମ୍ବୁଲାନ୍ସରେ ଜନ୍ମମାଟି କମଳାପଦରକୁ ପଠାଇଥିଲେ। ବିଚିତ୍ରାନନ୍ଦଙ୍କ ଘର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବୋଲି ଜଣାପଡ଼ିଛି।

## ବିଜେଡି କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

**ଆସିକା,୨୨।୯(ଡି.ଏନ୍.ଏ.)**

ଆସିକା ବ୍ଲକ ଖାରିଆ ପଞ୍ଚାୟତରେ ବୁଧବାର ଆସିକା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖାରିଆ ସରପଞ୍ଚ ଅରବିନ୍ଦ ଲେଙ୍କାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଯୁବ ବିଜେଡି ଗଞ୍ଜାମ ଜୋନ ଅଧକ୍ଷ ନଚିକେତା ସ୍ୱାଇଁ ପ୍ରମୁଖ ଯୋଗଦେଇ ଦଳୀୟ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଲାଗି କର୍ମୀମାନେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଖାରିଆ ଓ ବରଗାଁ ପଞ୍ଚାୟତର ଅନ୍ୟ ଦଳରୁ ଆସି ବହୁ କର୍ମୀ ବିଜେଡିରେ ଯୋଗଦେଇଥିଲେ । ବିଧାୟିକା ଓ ଏମପିଙ୍କ ଦ୍ୱାରା ଖାରିଆ ଗ୍ରାମର କଲ୍ୟାଣ ମଣ୍ଡପ ଓ ଘଟକୁରୀ ଗ୍ରାମରେ ୨ଟି କଲ୍ୟାଣ ମଣ୍ଡପ ଉଦଘାଟିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଦିଲୀପ ପାଣିଗ୍ରାହୀ, ଶିବ ନାହାକ, ଭଗବାନ ସାହୁ, ସୂର୍ଯ୍ୟକାନ୍ତ ପରିଡା, ସତ୍ୟନାରାୟଣ ସ୍ୱାଇଁ, ନାଗାର୍ଜୁନ ବିଷୋୟୀ, ମନୋଜ ଦୋରା, ରାଜେଶ ପଟ୍ଟନାୟକ, ଅନିଲ କୁମାର ନାୟକ, ଶିବ ଶଙ୍କର ମହାନ୍ତିଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ସାମିଲ ଥିଲେ ।

## ଗଞ୍ଜାମରୁ ଭାଗ ନେବେ ୧୧ ପ୍ରତିଯୋଗୀ


ପ୍ରତିଯୋଗୀମାନେ।

### ରାଜ୍ୟ ସନ୍ତରଣ ପ୍ରତିଯୋଗିତା

**ଛତ୍ରପୁର,୨୨।୯(ଡି.ଏନ୍.ଏ.)**

ଓଡ଼ିଶା ସୁଇମିଂ ସଂଘ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ଆସନ୍ତା ୨୫ ଓ ୨୬ ତାରିଖରେ ହେବାକୁ ଥିବା ୬୧ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗଞ୍ଜାମ ଜିଲାରୁ ୧୧ଜଣ ପ୍ରତିଯୋଗୀ ଭାଗ ନେବେ । ଗଞ୍ଜାମ ଜିଲା ଆଥଲେଟିକ ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ କେମପି ସ୍ପୋର୍ଟସ ଏକାଡେମୀର ସିନିୟର ବର୍ଗରେ ଇ. ଲଳିତ କୁମାର, ନିତେଶ କୁମାର ମହାନ୍ତି, ଶିବ ପ୍ରସାଦ ଜେନା, ସୁବ୍ରନ୍ତ ପାତ୍ର, ରାଜା ଗୌଡ଼, ପ୍ରେମ କୁମାର ଦାସ, ଜିତେନ୍ଦ୍ର ଗୌଡ଼ ଓ ଗଣେଶ ମହାରଣା ଭାଗେ ନେବେ। ସେହିପରି ଜୁନିୟର ବର୍ଗରେ ବି.ବସନ୍ତ ରେଡ୍ଡୀ, ସବ୍ ଜୁନିୟର ବର୍ଗରେ ଦୁଃଖୀ ନାୟକ, ଜୁନିୟର ପାରା ସୁଇମିଂ ବର୍ଗରେ ପ୍ରୀତମ ବେହେରା ଅଂଶ ଗ୍ରହଣ କରିବେ। ପ୍ରତିଯୋଗୀମାନେ ଆସନ୍ତା ୨୪ ତାରିଖରେ ବିଶାଖା ଏକ୍ସପ୍ରେସରେ କୋଚ କେ.ମନୋଜ ପ୍ରଧାନଙ୍କ ସହ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ। ଏମାନଙ୍କୁ ଜିଲାର ବିଭିନ୍ନ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜଣାଇଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ

**ଫୁଲବାଣୀ ଅଫିସ/ଚକାପାଦ, ୨୨।୯**

ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ପଣସପଦର ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା କାର୍ଯ୍ୟରେ ଦୁର୍ନୀତି ହୋଇଛି । ପଣସପଦର ଗ୍ରାମର ତଳସାହି, ଉପରସାହିରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜମି ହୁଡା ମରାମତି କାମ ପାଇଁ ୮ ଲକ୍ଷ ଟଙ୍କା, ମୁଖିସାହିଠାରୁ ଧୋବାନାଳ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଯେଉଁମାନେ ଏଥିରେ କାମ କରି ନାହାନ୍ତି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଛି । ଯେଉଁମାନେ କାମ କରିଛନ୍ତି ସେମାନଙ୍କୁ ପାରିଶ୍ରମିକ ଦିଆଯାଇନାହିଁ। ସେହିପରି ମୃତ ବ୍ୟକ୍ତିଙ୍କ ନାମରେ ମଧ ଟଙ୍କା ଯାଇଛି ବୋଲି ଗ୍ରାମବାସୀ ଏପିଓ ନିବେଦିତ ତ୍ରିପାଠୀଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି । ଗାଁସାଥି ମାନେ ଏହି ଦୁର୍ନୀତିରେ ପ୍ରତ୍ୟକ୍ଷ ଭାବେ ଜଡିତ ରହିଛନ୍ତି । ସେମାନଙ୍କୁ ପଦବୀରୁ ବାହାର କରିବା ପାଇଁ ବିଡିଓ ଏବଂ ଏପିଓଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି । ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏପିଓ ତ୍ରିପାଠୀ ପ୍ରତିଶ୍ରୁତି ଦେଇଛନ୍ତି । ଗାଁ ସାଥି କାହ୍ନୁ ଦଳବେହେରାଙ୍କୁ ପଚାରିବାରୁ ମୁଁ ଟଙ୍କା ଛାଡୁ ନାହିଁ, ବ୍ଲକ ପ୍ରଶାସନ ପ୍ରଦାନ କରୁଛି ବୋଲି କହିଛନ୍ତି।

## କେଏସ୍‌ୟୁବି ଷ୍ଟାଫ୍ କାଉନସିଲ ବୈଠକ


ବୈଠକରେ ଆଲୋଚନା ଚାଲିଛି।

**ଭଞ୍ଜନଗର,୨୨।୯(ଡି.ଏନ.ଏ)**

ଚଳିତବର୍ଷ ଯୁକ୍ତ୨ ଛାତ୍ରୀଛାତ୍ର ମାନେ ୩ଟି କ୍ୱାଟର ପରୀକ୍ଷା ଦେବା ପରେ ବାର୍ଷିକ ପରୀକ୍ଷା ଦେବେ। ତେଣୁ ନୂଆ ନିୟମରେ ପ୍ରଥମ କ୍ୱାଟର ପରୀକ୍ଷା ସେପ୍ଟେମ୍ବର ଶେଷ ସପ୍ତାହରୁ ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ କରାଯିବ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ପରୀକ୍ଷାର ସୁପରିଚାଳନା ପାଇଁ ଷ୍ଟାଫ୍ କାଉନସିଲ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା । ନୂଆ ନିୟମରେ ପରୀକ୍ଷା କିଭଳି ଠିକ୍ ଭାବେ ପରିଚାଳନା କରାଯିବ ସେଥିପ୍ରତି ଦୃଷ୍ଟି ଦେବାକୁ ଅଧକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ କହିଥିଲେ। ଏଥିସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଯୁକ୍ତ ୩ ପ୍ରଥମ ବର୍ଷ ମିଡ୍‌ସେମିଷ୍ଟାର ପରୀକ୍ଷା ମଧ ଅକ୍ଟୋବର ପ୍ରଥମ ସପ୍ତାହରେ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଡ଼.ଆର.ଏନ.ପାଳ, ଡ଼.ପୀତବାସ ପାଳ, ବିଭୂତି ଭୂଷଣ ପାଣିଗ୍ରାହୀ, ରାଜେନ୍ଦ୍ର କୁମାର ଦାସ, ହରମୋହନ ନାୟକ, ରଜନୀକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା

**କବିସୂର୍ଯ୍ୟନଗର/ପୋଲସରା/ପୁରୁଷୋତ୍ତମପୁର/ଦିଗପହଣ୍ଡି/ପାତ୍ରପୁର, (ଡି.ଏନ.ଏ.)/ଗୋପାଳପୁର,୨୨।୯**

ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ମିଳିତ ଅନୁକୂଲ୍ୟରେ ବିଭିନ୍ନ ବ୍ଲକରେ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ପ୍ରାଥମିକ ପର୍ଯ୍ୟାୟରେ ମୋଟ ୧୯୮ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବ୍ୟାଙ୍କ ତରଫରୁ ମୋଟ ୩ କୋଟି ୨୬ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ବିଡିଓ ବାସୁଦେବ ନାୟକ, ଶିଶୁ ବିକାଶ ଅଧିକାରିଣୀ ବୀଣାପାଣି ମିଶ୍ର, ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢୀ ପ୍ରମୁଖ ପରିଚାଳକ ସହଯୋଗ କରିଥିଲେ। ସେହିପରି ପୋଲସରା ବ୍ଲକରେ ୧୬୭ ଏସ୍‌ଏଚ୍‌ଜିକୁ ୩.୧୪ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାରେ ଅତିଥି ଭାବେ ବିଡ଼ିଓ ସୁରଞ୍ଜନ କୁମାର ସାହୁ, ବ୍ଲକ ଅଧକ୍ଷ ବଳରାମ ସେଠୀ ଯୋଗଦେଇଥିଲେ। ଆସିକା ବ୍ଲକ ସଭା ଗୃହରେ ବିଡିଓ ରୋଶନ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମନ୍ୱୟ ମେଳାରେ ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ ଅଧକ୍ଷ ହରେକୃଷ୍ଣ ମଲ୍ଲିକ, ସିଡିପିଓ ଭାରତୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବ୍ଲକର ୨୩୫ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ୪କୋଟି ୪୩ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ପୁରୁଷୋତ୍ତମପୁର ବ୍ଲକରେ ସମନ୍ୱୟ ମେଳା ବିଡିଓ ବିଜୟ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଲତିକା ପ୍ରଧାନ, ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ୨୦୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୮ ବ୍ୟାଙ୍କ ମାଧ୍ୟମରେ ୨ କୋଟି ୫୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଛନ୍ତି। ବାଚସ୍ପତି ଡ଼.ସୂର୍ଯ୍ୟନାରାୟଣ ପାତ୍ର ଦିଗପହଣ୍ଡି ବ୍ଲକରେ ୧୨୫ ଏସ୍‌ଏଚ୍‌ଜି ୧ କୋଟି ୭୬ ଲକ୍ଷ ୫୦ ହଜାର ଟଙ୍କା ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରିଛନ୍ତି। ଏଥିସହ ୨୦ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାର୍ ବଣ୍ଟନ କରିବା ସହ ମଧୁବାବୁ ପେନ୍‌ସନ୍ ଯୋଜନାରେ ୧୦ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ବାଚସ୍ପତିଙ୍କ କାର୍ଯ୍ୟକ୍ରମରେ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଉପସ୍ଥିତ ଥିଲେ। ବିଡିଓ ହଳଧର ଶବରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବିଜେଡି ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ପାତ୍ରପୁର ବ୍ଲକ ସମ୍ମିଳନୀ ଗୃହରେ ୧୭୦ ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ କୋଟି ୪୬ ଲକ୍ଷ ୮ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଛି। ବିଡିଓ ପ୍ରକାଶ କୁମାର ଦାସ ଏହି ସମନ୍ୱୟ ମେଳାକୁ ଉଦ୍‌ଘାଟନ କରିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକରେ ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରସନ୍ନ କୁମାର ପାତ୍ର, ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାସ ଯୋଗ ଦେଇଥିଲେ। ୩୨୮ ଏସ୍‌ଏଚ୍‌ଜିଙ୍କୁ ୫ କୋଟି ୩୯ ଲକ୍ଷ ୬୫ ହଜାର ଟଙ୍କା ୧୭ଟି ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଥିଲା।


ଦିଗପହଣ୍ଡି ବ୍ଲକରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏସ୍‌ଏଚ୍‌ଜିକୁ ଚେକ୍ ବଣ୍ଟନ କରୁଛନ୍ତି।

